# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 December – 2025

**********************************

## <u>ମୁଖ୍ୟ ସମ୍ବାଦ</u>

- କେନ୍ଦ୍ର ସରକାର ପ୍ରତ୍ୟେକ ନାଗରିକଙ୍କ ଉନ୍ନତି ପାଇଁ କୌଣସି ଭେଦଭାବ ବିନା କାର୍ଯ୍ୟ କରୁଛନ୍ତି; ସୁଶାସନ ଦିବସ ଅବସରରେ କହିଲେ, ପ୍ରଧାନମନ୍ତ୍ରୀ

— ସିଏମ୍ ଡ୍ୟାସବୋର୍ଡ, ଓଶ୍ୱାସ୍ ବ୍ୟବସ୍ଥାର ସମ୍ପ୍ରସାରଣ ସହ ଆମ ସାଥୀ ଚାଟ୍‌ବଟ୍‌ର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ଗଞ୍ଜାମ-କନ୍ଧମାଳ ସୀମାନ୍ତ ଜଙ୍ଗଲରେ କମ୍ବିଂ ଅପରେସନ୍‌ବେଳେ ୬ ଜଣ ମାଓବାଦୀ ନିହତ

— ଓଡ଼ିଶା ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ହେବା ଦିଗରେ ଅଗ୍ରସର ହେଉଛି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ନୂଆଦିଲ୍ଲୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

ଏବଂ

- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଧରାବତରଣ ଅବସରରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଆଜି ପାଳନ କରୁଛନ୍ତି ବଡ଼ଦିନ

# ସୁଶାସନ ଦିବସ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ବାର୍ଷିକୀ ଅବସରରେ ଆଜି ଦେଶବ୍ୟାପୀ ସୁଶାସନ ଦିବସ ପାଳନ କରାଯାଉଛି । ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ  ପ୍ରତିବର୍ଷ ଆଜିର ଦିନରେ ସ୍ୱର୍ଗତ ବାଜପେୟୀଙ୍କ ଜନ୍ମଦିନକୁ ଏହି ଦିବସ ଭାବେ ପାଳନ କରାଯାଇଥାଏ ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ କହିଛନ୍ତି, କେନ୍ଦ୍ର ସରକାର ଗତ ୧୧ ବର୍ଷ ଧରି ଦେଶର ପ୍ରତ୍ୟେକ ନାଗରିକଙ୍କ ଉନ୍ନତି ପାଇଁ କଠିନ ପରିଶ୍ରମ କରିବା ସହ କୌଣସି ଭେଦଭାବ ବିନା ସମସ୍ତ ଯୋଜନାର ଲାଭ ପ୍ରଦାନ କରୁଛନ୍ତି।  ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାରୀ ଯୋଜନାର ପରିପୂର୍ଣ୍ଣତା କେନ୍ଦ୍ର ସରକାରଙ୍କ ମୂଳମନ୍ତ୍ର। ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରି ଶ୍ରୀ ମୋଦୀ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଦେଶର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ, ଯାହା ଦେଶର ବିକାଶର ସ୍ଥିତିକୁ ସକାରାତ୍ମକ ଭାବେ ପରିବର୍ତ୍ତିତ କରିଥିଲା।

## - V/O -(PM)

ଦେଶ ନିର୍ମାଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ମହନୀୟ ଅବଦାନ ରହିଛି ବୋଲି **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଲୋକସେବା ଭବନ ପରିସରରେ ଆୟୋଜିତ ସୁଶାସନ ଦିବସ ଅବସରରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି,

ସ୍ୱର୍ଗତଃ ବାଜପେୟୀଙ୍କର ସମାବେଶୀ ବିକାଶ ଏବଂ ସୁଶାସନର ଏକ ଚିରନ୍ତନ ପରମ୍ପରା ସର୍ବଦା ଦେଶକୁ ପ୍ରେରଣା ଯୋଗାଇବ। ଗ୍ରାମାଞ୍ଚଳ ଅର୍ଥନୀତି ବିକାଶରେ ବାଜପେୟୀଙ୍କର ଭୂମିକା ଉଲ୍ଲେଖନୀୟ ବୋଲି ରାଜ୍ୟପାଳ କହିଥିଲେ।

ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ସ୍ୱର୍ଗତ ବାଜପେୟୀ ଜନସେବା ଓ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରିଥିଲେ। ଭୁବନେଶ୍ୱର ଓୟୁଏଟି କୃଷି ସେବା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମାଝୀ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କ ସୁଶାସନର ମନ୍ତ୍ର ଅନୁସରଣ କରି ସରକାର ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସ୍‌ବୋର୍ଡ, ଓଶ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି। ଏହା ସହ ଉନ୍ନତମାନର ଚିକିତ୍ସା ସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାର୍ଟବଟର ଲୋକାର୍ପଣ କରିଛନ୍ତି।

## ମାଓବାଦୀ

ଗଞ୍ଜାମ ଓ କନ୍ଧମାଳ ସୀମାନ୍ତ ଜଙ୍ଗଲରେ ପୁଲିସ୍ ଓ ମାଓବାଦୀଙ୍କ ଗୁଳି ବିନିମୟରେ ନକ୍ସଲ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି।  ଗଣେଶ ଉପରେ ୧ କୋଟି ୧୦ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ପୁଲିସ୍, ସିଆରପିଏଫ୍, ଏସ୍‌ଓଜି ଓ ବିଏସ୍‌ଏଫ୍ ପକ୍ଷରୁ ଅଂଚଳରେ କମ୍ବିଂ ଅପରେସନ୍ ଜାରି ରହିଛି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, ଏହି ସଫଳତା ସହ ଓଡ଼ିଶା ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ହେବାର ପର୍ଯ୍ୟାୟରେ ପହଞ୍ଚିଛି । ଦେଶକୁ ମାଓବାଦରୁ ମୁକ୍ତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ସରକାର ଆସନ୍ତାବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଦେଶରୁ ମାଓବାଦ ଦୂର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଶାହ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ସୁରକ୍ଷାକର୍ମୀଙ୍କ ନିଷ୍ଠାପର ଉଦ୍ୟମ ଓଡ଼ିଶାକୁ ନକ୍ସଲବାଦ ମୁକ୍ତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି ।

ଏ ନେଇ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ **ୱାଇ.ବି.ଖୁରାନିଆ** ଏକ ସାମ୍ବାଦିକ ସମ୍ମିଳନୀରେ ମାଓବାଦୀମାନଙ୍କୁ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

# - V/O -

ମାଲକାନଗିରି ପୁଲିସ ନିକଟରେ କିଛିଦିନ ପୂର୍ବରୁ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ ।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

ରାଜ୍ୟରେ ଖୁବ୍ ଶୀଘ୍ର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ୨୫ ବରପୁତ୍ରଙ୍କ ଗ୍ରାମକୁ ଏଥିରେ ସାମିଲ କରାଯିବ ।

ପ୍ରତି ବରପୁତ୍ରଙ୍କ ଗ୍ରାମକୁ ୧୫ କୋଟି ହିସାବରେ ୩୪୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଯୋଜନାରେ ସଂଗ୍ରହାଳୟ, ପାଠାଗାର ଓ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରପୁତ୍ରଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଟଙ୍କାର ବଜେଟ୍ ରାଶିକୁ ଅନୁମୋଦନ ମିଳିଥିବା ନେଇ ଶ୍ରୀ ସୂରଜ କହିଛନ୍ତି।

## ବୀର ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରିବେ। ବୀର ବାଲ୍ ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରୁ ୨୦ ଜଣ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭାରତର ଯୁବ ନାୟକମାନଙ୍କ ସାହସ, ତ୍ୟାଗ ଓ ଅନୁକରଣୀୟ ମୂଲ୍ୟବୋଧକୁ  ସ୍ମରଣ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ବୀର ବାଲ ଦିବସ - ୨୦୨୫ର ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଶିଶୁ ଓ ଯୁବକମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ସମେତ ଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ।  ଏହି

ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମକୁ ଦିନ ୧୨ଟା ୩୦ ମିନିଟ୍ ସମୟରେ ଏନ୍‌ଆଇସି ୱେବ୍‌କାଷ୍ଟ, ଡିଡିନ୍ୟୁଜ୍ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ସିଧାପ୍ରସାରଣ କରାଯିବ ।

## ବଡଦିନ

ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଓ ଉଲ୍ଲାସର ସହ ବଡଦିନ ପାଳନ କରାଯାଉଛି । ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହିଦିନ ଧରାବତରଣ କରିଥିବା ବିଶ୍ୱାସ ରହିଛି । ଏହି ଅବସରରେ ବାପ୍ଟିଷ୍ଟ୍ ଓ କ୍ୟାଥଲିକ୍ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇ ସମୂହ ପ୍ରାର୍ଥନା କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ସାଂସଦ ଖେଳ ମହୋତ୍ସବ

**ଭଦ୍ରକ** ନେହେରୁ ଷ୍ଟାଡିୟମ୍‌ଠାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଅବିଭକ୍ତ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୭ଟି ନିର୍ବାଚନମଣ୍ଡଳୀରୁ ଭାଗ ନେଇଥିବା ଶତାଧିକ କୃତି ଛାତ୍ରଛାତ୍ରୀଙ୍କୁ ସାଂସଦ ଓ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ

ଯୋଗଦେଇ  କ୍ରୀଡା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ ।

## ସୁଶାସନ ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

**କୋରାପୁଟ** ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତାରାଶି ବଣ୍ଟନ କରାଯାଇଥିଲା ।

**ଦେବଗଡ଼** ସଂସ୍କୃତିଭବନଠାରେ ଏହି ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ବରଗଡ଼** ଜିଲ୍ଲାର ସ୍ଥାନୀୟ ବାଜପେୟୀ ଛକଠାରେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା ।  ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

**ରାୟଗଡ଼ା** ଜିଲ୍ଲା ମୁନିଗଡ଼ାଠାରେ ଅଟଳ ସୁଶାସନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ବାଜପେୟୀଙ୍କ ଜୀବନୀକୁ ନେଇ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବାଜପେୟୀଙ୍କର ବିଦେଶ ନୀତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଦୂରସଂଚାର ଓ

ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଏବଂ କାରଗିଲ ଯୁଦ୍ଧରେ ଦୃଢ଼ ନେତୃତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା ।

**ନୟାଗଡ଼** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଜପେୟୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

ଭାରତୀୟ ରାଜନୀତିର କାଳଜୟୀ ଅଜାତଶତ୍ରୁ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମାନାର୍ଥେ **ମାଲକାନଗିରି** ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷଠାରେ ସୁଶାସନ ଦିବସ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିଠାରେ ଆୟୋଜିତ ସଭାରେ ବକ୍ତାମାନେ ବାଜପେୟୀଙ୍କର ବୈଦେଶିକ ନୀତିକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂଗ୍ରହାଳୟଠାରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

**********************************